ଯତୀନ୍ଦ୍ରନାଥ ଶୁକ୍ଳା ଏବଂ ଅନ୍ୟମାନେ କାନପୁର
ବନାମ
କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରାହକ, କାନପୁର
ଡିସେମ୍ବର 9,1997
[ଏସ୍.ସି. ସେନ ଏବଂ ଏମ୍. ଶ୍ରୀନିବାସନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଉତ୍ପାଦ ଶୁଳ୍କ ଆଇନ :*

*କେନ୍ଦ୍ରୀୟ ଅବକାରୀ ଏବଂ ଲବଣ ଅଧିନିୟମ, 1944: ଧାରା 4 ।*

*ଉତ୍ପାଦ ଶୁଳ୍କ—ଛାଡ—ମୂଲ୍ୟାଙ୍କନ—ପଦ୍ଧତି—ଦର୍ଶାଯାଇଛି: ଶୁଳ୍କ ନିର୍ଦ୍ଧାରଣ ସହ ସମାନ—ତେଣୁ, ତା30.3.1979ରିଖର ଅଧିସୂଚନା ସଂଖ୍ୟା 151/79-CE ଦ୍ୱାରା ସଂଶୋଧିତ, ତା1.3.1979ରିଖର ଛାଡ ଅଧିସୂଚନା ସଂଖ୍ୟା 35/79-CE ଉଦ୍ଦେଶ୍ୟରେ ଗଣ୍ଡିଲିର ମୋଟ ମୂଲ୍ୟକୁ ସମ୍ପୂର୍ଣ୍ଣ ଭାବେ ଗଣ୍ଡିଲିର ମୋଟ ଓଜନ ଦ୍ୱାରା ଭାଗ କରି ଆକଳନ କରାଯିବ, ଗଣ୍ଡିଲିର ଦ୍ରବ୍ୟର ମୋଟ ଓଜନ ଦ୍ୱାରା ନୁହେଁ—କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ନିୟମାବଳୀ, 1944, R.8(1)—ଅତିରିକ୍ତ ଉତ୍ପାଦ ଶୁଳ୍କ (ବିଶେଷ ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟ) ଅଧିନିୟମ, 1957, ଧାରା 7(3)*

*ଉତ୍ପାଦ ଶୁଳ୍କ—ଗଣ୍ଡିଲିରେ ବ୍ୟବହୃତ ବସ୍ତୁ—ମୂଲ୍ୟ—ଅନ୍ତର୍ଭୁକ୍ତି—ଦର୍ଶାଯାଇଛି: ଉତ୍ପାଦ ଶୁଳ୍କ ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ଉତ୍ପାଦ ଶୁଳ୍କ ପାଇଁ ଯୋଗ୍ୟ ଦ୍ରବ୍ୟର ଆକଳନ ଯୋଗ୍ୟ ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ଗଣ୍ଡିଲିରେ ବ୍ୟବହୃତ ବସ୍ତୁର ମୂଲ୍ୟ ମଧ୍ୟ ଅନ୍ତର୍ଭୁକ୍ତ କରାଯିବା ଉଚିତ ।*

**ଅପିଲକାରୀ-କରଦାତା ଚୋବାଇବା ତମାଖୁର ଉତ୍ପାଦନକାରୀ ଥିଲେ । ସୀମା ଶୁଳ୍କ, ଉତ୍ପାଦ ଶୁଳ୍କ ଏବଂ ସୁନା ନିୟନ୍ତ୍ରଣ ଅପିଲ ନ୍ୟାୟାଧିକରଣ ଦର୍ଶାଇଛନ୍ତି ଯେ, ତା30.3.1979ରିଖର ଅଧିସୂଚନା ସଂଖ୍ୟା 151/79-CE ଦ୍ୱାରା ସଂଶୋଧିତ ହୋଇଥିବା ତା1.3.1979ରିଖ ଛାଡ ଅଧିସୂଚନା ସଂଖ୍ୟା 35/79-CE ଉଦ୍ଦେଶ୍ୟରେ ମୋଟ ଗଣ୍ଡିଲିର ଓଜନରୁ ଗଣ୍ଡିଲି ପାଇଁ ବ୍ୟବହୃତ ବସ୍ତୁର ଓଜନକୁ ବାଦ ଦେବା ପରେ ମୋଟ ଗଣ୍ଡିଲିର ମୂଲ୍ୟକୁ ତମାଖୁର ମୋଟ ଓଜନ ଦ୍ୱାରା ଭାଗ କରି କିଲୋଗ୍ରାମ ପିଛା ଚୋବାଇବା ତମାଖୁର ମୂଲ୍ୟ ନିର୍ଦ୍ଧାରଣ କରିବାକୁ ପଡ଼ିବ । ନ୍ୟାୟାଧିକରଣ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ, ଉତ୍ପାଦ ଶୁଳ୍କ ପାଇଁ ଯୋଗ୍ୟ ଦ୍ରବ୍ୟର ଆକଳନ ଯୋଗ୍ୟ ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ଉତ୍ପାଦ ଶୁଳ୍କ ଲାଗୁ କରିବା ଉଦ୍ଦେଶ୍ୟରେ**

ଗଣ୍ଡିଲି ପାଇଁ ବ୍ୟବହୃତ ବସ୍ତୁର ମୂଲ୍ୟକୁ ବାଦ ଦିଆଯିବା ଉଚିତ । ସେଥିପାଇଁ ଏହି ଅପିଲ କରାଯାଇଛି ।

ଅପିଲକାରୀ-କରଦାତାଙ୍କ ତରଫରୁ ଏହା ଯୁକ୍ତି କରାଯାଇଥିଲା ଯେ, କିଲୋଗ୍ରାମ ପିଛା ଚୋବାଇବା ତମାଖୁର ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ସମଗ୍ର ଗଣ୍ଡିଲିର ମୋଟ ମୂଲ୍ୟକୁ ଗଣ୍ଡିଲିର ମୋଟ ଓଜନ ଦ୍ୱାରା ଭାଗ କରାଯିବା ଉଚିତ ।

ଅପିଲଗୁଡ଼ିକୁ ପରିସମାପ୍ତ କରି, ଏହି ନ୍ୟାୟାଳୟ

ଦର୍ଶାଇଛନ୍ତି: 1.କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଏବଂ ଲବଣ ଅଧିନିୟମ, 1944ର ବ୍ୟବସ୍ଥା ଅନୁଯାୟୀ ଉତ୍ପାଦ ଯୋଗ୍ୟ ଦ୍ରବ୍ୟର ଆକଳନ ଯୋଗ୍ୟ ମୂଲ୍ୟରେ ପହଞ୍ଚିବା ପାଇଁ ଶୁଳ୍କ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ଗଣ୍ଡିଲି ପାଇଁ ବ୍ୟବହୃତ ବସ୍ତୁର ମୂଲ୍ୟ ମଧ୍ୟ ଅନ୍ତର୍ଭୁକ୍ତ କରାଯିବା ଉଚିତ । [360- G]

*ଭାରତ ସରକାର ବନାମ ମାଡ୍ରାସ ରବର କାରଖାନା,* [1995] 4 SCC 349, ଭରସା କରାଯାଇଛି ।

2. ଯେତେବେଳେ ମୂଲ୍ୟ ଆକଳନ ଏବଂ ଶୁଳ୍କ ଆଦାୟ ଉଦ୍ଦେଶ୍ୟରେ, ଧାରା 4 ଅନୁଯାୟୀ ଗଣ୍ଡିଲିର ମୋଟ ମୂଲ୍ୟ, ଦ୍ରବ୍ୟର ଆକଳନ ଯୋଗ୍ୟ ମୂଲ୍ୟ ଭାବରେ ନିଆଯାଏ, ସେତେବେଳେ ଛାଡ଼ ଉଦ୍ଦେଶ୍ୟରେ ଦ୍ରବ୍ୟର ମୂଲ୍ୟ ଆକଳନ ପାଇଁ ସମାନ ପଦ୍ଧତି ପ୍ରୟୋଗ କରାଯିବ । ତେଣୁ, ତା30.3.1979ରିଖର ଅଧିସୂଚନା ସଂଖ୍ୟା 151/79-CE ଦ୍ୱାରା ସଂଶୋଧିତ ହୋଇଥିବା ତା1.3.1979ରିଖର ଛାଡ ଅଧିସୂଚନା ସଂଖ୍ୟା 35/79-CE ଉଦ୍ଦେଶ୍ୟରେ ଗଣ୍ଡିଲିର ମୋଟ ମୂଲ୍ୟକୁ ଗଣ୍ଡିଲିର ମୋଟ ଓଜନ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଭାଗ କରି କିଲୋଗ୍ରାମ ପିଛା ଚୋବାଇବା ତମାଖୁର ମୂଲ୍ୟ ନିର୍ଦ୍ଧାରଣ କରାଯିବ ।

ଦେୱାନୀ ଅପିଲ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 3030-31/1989 ଇତ୍ୟାଦି ।

ଆଦେଶ ସଂଖ୍ୟା 155-156/1989-Aରେ ନୂଆଦିଲ୍ଲୀର ସୀମା ଶୁଳ୍କ, ଉତ୍ପାଦ ଶୁଳ୍କ ଏବଂ ସୁନା ନିୟନ୍ତ୍ରଣ ଅପିଲ ନ୍ୟାୟାଧିକରଣଙ୍କର ତା27.3.89ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଭି. ଲକ୍ଷ୍ମୀକୁମାରନ୍, ଭି. ଶ୍ରୀଧରନ୍, ଟି. ବିଶ୍ୱନାଥନ୍ ଏବଂ ଭି. ବାଲଚନ୍ଦ୍ରନ୍ ।

ଉତ୍ତରଦାତାମାନଙ୍କ ପାଇଁ ଆର୍.ଚୌଧୁରୀ ଏବଂ ଭି.କେ. ବର୍ମା ।

ନ୍ୟାୟାଳୟଙ୍କ ରାୟ **ଶ୍ରୀନିବାସନ୍, ନ୍ୟାୟମୂର୍ତ୍ତି**ଙ୍କ ଦ୍ୱାରା ପ୍ରଦାନ କରାଯାଇଛି ।

ଏହି ଅପିଲଗୁଡ଼ିକ ନୂଆଦିଲ୍ଲୀର ସୀମା ଶୁଳ୍କ, ଉତ୍ପାଦ ଶୁଳ୍କ ଏବଂ ସୁନା ନିୟନ୍ତ୍ରଣ ଅପିଲ ନ୍ୟାୟାଧିକରଣଙ୍କ ଆଦେଶ ବିରୁଦ୍ଧରେ ନିର୍ଦ୍ଦେଶିତ ହୋଇଛି । ଦେୱାନୀ ଅପିଲ ସଂଖ୍ୟା 3030-31/1989, କରଦାତାଙ୍କ ଦ୍ୱାରା ହୋଇଥିବାବେଳେ ଅନ୍ୟ ଅପିଲ ରାଜସ୍ୱ ଦ୍ୱାରା ହୋଇଥିଲା । ବିଚାର ପାଇଁ ଦୁଇଟି ପ୍ରଶ୍ନ ଉଠିଥାଏ । *ଭାରତ ସରକାର ଏବଂ ଅନ୍ୟମାନେ ବନାମ ମାଡ୍ରାସ ରବର କାରଖାନା ଏବଂ ଅନ୍ୟମାନେ, [1995] 4 S.C.C. 349*ରେ ଏହି ନ୍ୟାୟାଳୟଙ୍କ ରାୟ ଦ୍ୱାରା ସେଗୁଡ଼ିକ ମଧ୍ୟରୁ ଗୋଟିଏ ପୂର୍ବରୁ ସମାପ୍ତ ହୋଇସାରିଛି । ସେହି ମାମଲାରେ ଏହା କୁହାଯାଇଛି ଯେ, ଉତ୍ପାଦ ଯୋଗ୍ୟ ଦ୍ରବ୍ୟର ଆକଳନ ଯୋଗ୍ୟ ମୂଲ୍ୟ ଜାଣିବା ପାଇଁ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଶୁଳ୍କ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ଗଣ୍ଠିଲି ପାଇଁ ବ୍ୟବହୃତ ସାମଗ୍ରୀର ମୂଲ୍ୟ ମଧ୍ୟ ଅନ୍ତର୍ଭୁକ୍ତ କରାଯିବା ଉଚିତ । ଗଣ୍ଠିଲି ପାଇଁ ବ୍ୟବହୃତ ଦ୍ରବ୍ୟର ମୂଲ୍ୟକୁ ବାଦ ଦେବାକୁ ନ୍ୟାୟାଧିକରଣ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସେଥିପାଇଁ ରାଜସ୍ୱ ବିଭାଗ ବ୍ୟଥିତ ହୋଇଛନ୍ତି । ଏହି ନ୍ୟାୟାଳୟଙ୍କ ଉପରୋକ୍ତ ରାୟକୁ ଦୃଷ୍ଟିରେ ରଖି, ରାଜସ୍ୱ ବିଭାଗଙ୍କ ଅପିଲକୁ ଏତଦ୍ଦ୍ୱାରା ସେହି ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି ।

2. ବିଚାର ପାଇଁ ଉଠୁଥିବା ଅନ୍ୟ ପ୍ରଶ୍ନଟି, ତା30.3.1979ରିଖର ଅଧିସୂଚନା ସଂଖ୍ୟା 151/79 C.E. ଦ୍ୱାରା ସଂଶୋଧିତ ତା1.3.1979ରିଖର ଅଧିସୂଚନା ସଂଖ୍ୟା 35/79 C.E. ଅନୁଯାୟୀ କିଲୋଗ୍ରାମ ପିଛା ଚୋବାଇବା ତମାଖୁର ମୂଲ୍ୟ ନର୍ଦ୍ଧରଣ କରିବା ପଦ୍ଧତି ସହିତ ଜଡ଼ିତ ଅଟେ । ଏହି ଅଧିସୂଚନା ଯେତେଦୂର ପ୍ରାସଙ୍ଗିକ, ନିମ୍ନରେ ଦିଆଗଲା:

> ଚୋବାଇବା ତମାଖୁରେ ଛାଡ.-ଅତିରିକ୍ତ ଉତ୍ପାଦ ଶୁଳ୍କ (ସ୍ୱତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟ) ଅଧିନିୟମ, 1957 (58/1957)ର ଧାରା 3ର ଉପଧାରା (3) ସହିତ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ନିୟମାବଳୀ, 1944ର ନିୟମ 8ର ଉପନିୟମ (1) ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି, କେନ୍ଦ୍ର ସରକାର ଏତଦ୍ଦ୍ୱାରା କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଏବଂ ଲବଣ ଅଧିନିୟମ, 1944 (1/1944)ର ପ୍ରଥମ ଅନୁସୂଚୀର ଦଫା ସଂଖ୍ୟା 4ର ଉପ-ଦଫା 11(5) ଅଧୀନରେ ସଂଲଗ୍ନ ଏବଂ ସାରଣୀର ସ୍ତମ୍ଭ (1)ରେ ନିର୍ଦ୍ଦିଷ୍ଟ ବର୍ଣ୍ଣନାରୁ ଉଭୟ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଏବଂ ଲବଣ ଅଧିନିୟମ, 1944 (1/1944) ଏବଂ ଅତିରିକ୍ତ ଉତ୍ପାଦ ଶୁଳ୍କ (ସ୍ୱତନ୍ତ୍ର

ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟ) ଅଧିନିୟମ, 1957 (58/1957) ଅନୁଯାୟୀ, ଏହାର ସ୍ତମ୍ଭ (2)ରେ ଅନୁରୂପ ପ୍ରବେଶରେ ଅତିରିକ୍ତ ଶୁଳ୍କ ବିଷୟରେ ନିର୍ଦ୍ଦିଷ୍ଟ ଥିବା ଭଳି ଚୋବାଇବା ତମାଖୁରେ ଛାଡ଼ କରିଛନ୍ତି ।

ସାରଣୀ

| ବର୍ଣ୍ଣନା<br>1 | ଶୁଳ୍କର ହାର<br>2 |
|---|---|
| ଚୋବାଇବା ତମାଖୁ, ଯାହାର କିଲୋଗ୍ରାମ ପିଛା ମୂଲ୍ୟ - | |
| (i) ଦଶ ଟଙ୍କାରୁ ଅଧିକ ନୁହେଁ | *ମୂଲ୍ୟ ଅନୁଯାୟୀ* ପନ୍ଦର ପ୍ରତିଶତ |
| (ii) ଦଶ ଟଙ୍କାରୁ ଅଧିକ | *ମୂଲ୍ୟ ଅନୁଯାୟୀ* ପଚିଶ ପ୍ରତିଶତ |

3. କରଦାତାଙ୍କ ଯୁକ୍ତି ହେଉଛି ଯେ, କିଲୋଗ୍ରାମ ପିଛା ଚୋବାଇବା ତମାଖୁର ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ସମଗ୍ର ଗଣ୍ଠିଲିର ମୋଟ ମୂଲ୍ୟକୁ ଗଣ୍ଠିଲିର ମୋଟ ଓଜନ ଦ୍ୱାରା ଭାଗ କରାଯିବା ଉଚିତ । ରାଜସ୍ୱ ବିଭାଗର ଯୁକ୍ତି ହେଉଛି ଯେ, ମୋଟ ଗଣ୍ଠିଲିର ଓଜନରୁ ଗଣ୍ଠିଲି ପାଇଁ ବ୍ୟବହୃତ ବସ୍ତୁର ଓଜନକୁ ବାଦ ଦେଇ ମୋଟ ଗଣ୍ଠିଲିର ମୂଲ୍ୟକୁ ତମାଖୁର ମୋଟ ଓଜନ ଦ୍ୱାରା ଭାଗ କରି ତମାଖୁର ମୂଲ୍ୟ ନିର୍ଦ୍ଧାରଣ କରିବାକୁ ପଡ଼ିବ । ରାଜସ୍ୱ ବିଭାଗ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ, ଅଧିସୂଚନା "ଚୋବାଇବା ତମାଖୁ" ଅଭିବ୍ୟକ୍ତି ବ୍ୟବହାର କରେ ଏବଂ କିଲୋଗ୍ରାମ ପିଛା ମୂଲ୍ୟ ବିଷୟରେ କୁହେ । ବିଜ୍ଞ ଅଧିବକ୍ତାଙ୍କ ଅନୁଯାୟୀ ଏହାର ଅର୍ଥ ତମାଖୁ ଗଣ୍ଠିଲି ହେବା ପୂର୍ବର ଓଜନ ଅଟେ ।

4. ଏହି ଯୁକ୍ତିର କୌଣସି ଯଥାର୍ଥତା ନାହିଁ । ଯେତେବେଳେ ମୂଲ୍ୟ ଆକଳନ ଏବଂ ଶୁଳ୍କ ଆଦାୟ ଉଦ୍ଦେଶ୍ୟରେ, ଧାରା 4 ଅନୁଯାୟୀ ଗଣ୍ଠିଲିର ମୋଟ ମୂଲ୍ୟ, ଦ୍ରବ୍ୟର ଆକଳନ ଯୋଗ୍ୟ ମୂଲ୍ୟ ଭାବରେ ନିଆଯାଏ, ସେତେବେଳେ ଛାଡ଼ ଉଦ୍ଦେଶ୍ୟରେ ଦ୍ରବ୍ୟର ମୂଲ୍ୟ ଆକଳନ ପାଇଁ ସମାନ ପଦ୍ଧତି ପ୍ରୟୋଗ କରାଯିବ । ତେଣୁ, ତା30.3.1979ରିଖର ଅଧିସୂଚନା ସଂଖ୍ୟା 151/79-CE ଦ୍ୱାରା ସଂଶୋଧିତ ହୋଇଥିବା ତା1.3.1979ରିଖର ଛାଡ ଅଧିସୂଚନା

ସଂଖ୍ୟା 35/79-CE ଉଦ୍ଦେଶ୍ୟରେ ଗଣ୍ଡିଲିର ମୋଟ ମୂଲ୍ୟକୁ ଗଣ୍ଡିଲିର ମୋଟ ଓଜନ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଭାଗ କରି କିଲୋଗ୍ରାମ ପିଛା ଚୋବାଇବା ତମାଖୁର ମୂଲ୍ୟ ନିର୍ଦ୍ଧାରଣ କରାଯିବ ।

5. ଏହାର ବିପରୀତରେ, ନ୍ୟାୟାଧିକରଣଙ୍କ ଦ୍ୱାରା ପ୍ରକାଶିତ ମତ ଭୁଲ ଅଟେ ଏବଂ ସେଥିପାଇଁ ନ୍ୟାୟାଧିକରଣଙ୍କ ଆଦେଶକୁ ସେହି ସୀମା ପର୍ଯ୍ୟନ୍ତ ରଦ୍ଦ କରାଯାଇଛି । ସେହି ଅନୁଯାୟୀ ଅପିଲଗୁଡ଼ିକୁ ପରିସମାପ୍ତ କରାଯାଇଛି । ସହକାରୀ ଜିଲ୍ଲାପାଳ, ଉପରୋକ୍ତ ନିଷ୍ପତ୍ତି ଅନୁଯାୟୀ ଉପଯୁକ୍ତ ଆଦେଶ ପାରିତ କରିବେ ।

ଭି.ଏସ୍.ଏସ୍. ଅପିଲଗୁଡ଼ିକୁ ପରିସମାପ୍ତ କରାଯାଇଥିଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଆଦିତ୍ୟ ପ୍ରସାଦ ମିଶ୍ର

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।